ଭାରତୀୟ ଜନତା ପାର୍ଟି, ଓଡିଶା

ବିରୋଧୀଙ୍କ ଭାରତ ଏବଂ ଓଡିଶା ବନ୍ଦ ଡାକରା ପ୍ରସଙ୍ଗରେ

# କଂଗ୍ରେସ ଏବଂ ବିଜେଡିର ମଧୁଚନ୍ଦ୍ରିକା ପଦାରେ ପଡିଲା : ବିଜେପି

- **କଂଗ୍ରେସ ଆଉ ବିଜେଡି ଦଳ ଦିନରେ ବସନ୍ତ ରାତିରେ ବାସନ୍ତୀ**
- **ବନ୍ଦକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ଚାଲ ଧରାପଡିଛି**
- **କଂଗ୍ରେସ ହେଉଛି ବିଜେଡିର ଆଶାବାଡୀ**
- **ସ୍କୁଲ କଲେଜକୁ ବନ୍ଦ କରି ରାଜ୍ୟ ସରକାର ଏହି ବନ୍ଦକୁ ସରକାରୀ ସ୍ତରରେ ସମର୍ଥନ କରିଥିଲେ**

**ଭୁବନେଶ୍ୱର,ତା.୦୮/୦୧ :** ଆଜି ବିରୋଧୀଙ୍କ ଭାରତ ବନ୍ଦ ଡାକରା ପରେ ବି ଓଡିଶାରେ କୌଣସି ପ୍ରଭାବ ପଡିନାହିଁ ବରଂ କଂଗ୍ରେସ ଏବଂ ବିଜେଡିର ମଧୁଚନ୍ଦ୍ରିକା ପଦାରେ ପଡିଛି । ଓଡିଶାରେ ଆଜିର ଏହି ବନ୍ଦରେ କେଉଁ ଶ୍ରମିକ ସଙ୍ଗଠନ ରାସ୍ତାକୁ ଆସିନଥିଲା । ଜନଜୀବନ ସମ୍ପୂର୍ଣ୍ଣ ସ୍ୱାଭାବିକ ଥିଲା । ସମସ୍ତ ଜିଲ୍ଲାରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ସ୍ୱାଭାବିକ ଥିଲା । ଦୋକାନ ବଜାର ପୁରା ପୁରି ଖୋଲା ଥିଲା । କେବଳ ସ୍କୁଲ କଲେଜକୁ ବନ୍ଦ କରି ରାଜ୍ୟ ସରକାର ଏହି ବନ୍ଦକୁ ସରକାରୀ ସ୍ତରରେ ସମର୍ଥନ କରିଥିଲେ ବୋଲି ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀ ପୀତାମ୍ବର ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି ।

ରାଜ୍ୟକାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ଏହି ବନ୍ଦ ଡାକରା ଶ୍ରମିକ ପାଇଁ ଉଦିଷ୍ଟ ନଥିଲା। ଏହା ପଛରେ ରହସ୍ୟ ଥିଲା କଂଗ୍ରେସ ବିଜେଡି ଏବଂ ସମସ୍ତ ବାମପନ୍ଥୀ ଦଳର ମଧୁଚନ୍ଦ୍ରିକା ଏବଂ ଚୋରାପିରତି । ତିନି ତିନୋଟି ରାଜନୈତିକ ଦଳ ମିଳିତ ପ୍ରଚେଷ୍ଟାରେ ବି ଏହି ବନ୍ଦକୁ ସଫଳ କରାଯାଇପାରିଲା ନାହିଁ।

ବନ୍ଦକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ଏହି ଚାଲ ଧରାପଡିଛି । କଂଗ୍ରେସ ହେଉଛି ବିଜେଡିର ଆଶାବାଡୀ। ଆଜି ନିଜେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ମୁଖ୍ୟମନ୍ତ୍ରୀ ନବୀନବାବୁ ଏହାକୁ ପ୍ରମାଣ କରିଛନ୍ତି। ପୂର୍ବରୁ ତାଙ୍କ ମଣ୍ଡଳରୁ ଜଣେ ବରିଷ୍ଠ ସଦସ୍ୟ ଅଭିଯୋଗ କରିଥିଲେ କି ରାଜ୍ୟରେ ପିପିପି ମୋଡରେ ସରକାର ଶାସନ ଚଳାଇଛି। ନବିନ ପଟ୍ଟନାୟକ, ନିରଜଂନ ପଟ୍ଟନାୟକ, ସୌମ୍ୟ ପଟ୍ଟନାୟକ, ଭିକେ ପାଣ୍ଡିୟାନ, ପ୍ରଭାକରନ ଏ ସମସ୍ତେ ମିଶି ଆଜିର ଏହି ବନ୍ଦକୁ ସମର୍ଥନ କରିଥିଲେ । କଂଗ୍ରେସ ଆଉ ବିଜେଡି ଦଳ ଦିନରେ ବସନ୍ତ ରାତିରେ ବାସନ୍ତୀ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

ତତ୍କାଳୀନ ବାମପନ୍ଥୀ ଛାତ୍ରନେତା ବୁର୍ଜୁଆଙ୍କ ବିରୋଧରେ ସ୍ଲୋଗାନ ଶସ୍ତା ଦେଉଥିଲେ ସେମାନେ ନିଜେ ବି ବୁର୍ଜୁଆ ପାଲଟି ଯାଇଛନ୍ତି । ବାମପନ୍ଥୀ ନେତା ସୁଭାସ ସିଂ, ଅସୀମ ଅମିତାବ ଏବେ ହେଉଛନ୍ତି ଭୋଗି ବାମପନ୍ଥୀ । ନିଜକୁ ଶ୍ରମିକ ନେତା ବୋଲି ଦାବି କରୁଥିବା ବେଳେ କୃଷିମାରଣ ନୀତି ଆପଣାଇଥିବା ବିଜେଡି ଦଳର ନେତୃତ୍ୱ ନେଇଛନ୍ତି ବାମପନ୍ଥୀରୁ ଆସିଥିବା ନେତା ସୁଭାସ ସିଂ । ଏଭଳି ଅତ୍ୟାଚାରୀ ଏବଂ ବ୍ୟାଭିଚାରି ସରକାରଙ୍କ ଏବଂ କଂଗ୍ରେସ ଦଳ ଉପରେ ଲୋକଙ୍କର ସମର୍ଥନ ନାହିଁ । ଓଡିଶାବାସୀ ଏହାକୁ ପ୍ରତ୍ୟାଖାନ କରିସାରିଲେଣି ବେଂ ଆଗାମୀ ଦିନରେ ଏହାର ଜବାବ ଦେବେ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ସମୀର ମହାନ୍ତି ଏବଂ ସଂପାଦକ କାଳନ୍ଦୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**